# NATIONAL NEWS BULLETIN (ODIA)

## 30 October - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଗୁଜରାଟରେ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ନବସୃଜନ ଏବଂ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଭାରତୀୟ ଯୁବବର୍ଗ ବିଶ୍ୱର ସର୍ବୋତ୍ତମ ବର୍ଗରେ ସ୍ଥାନ ପାଇଥାନ୍ତି, କହିଲେ ପ୍ରଧାନମନ୍ତ୍ରୀ ।
- ଭବିଷ୍ୟତ ପିଢ଼ି ଲାଗି ବିଶ୍ୱ ଜୈବ ବିବିଧତାକୁ ସୁରକ୍ଷିତ ରଖିବା ଦିଗରେ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଲା ଭାରତ ।
- ଲଦାଖର ବାସ୍ତବ ନିୟନ୍ତ୍ରଣ ରେଖା ନିକଟସ୍ଥ ଡେପ୍‌ସାଙ୍ଗ୍ ଓ ଡେମ୍‌ଚୋକ୍ ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର ପ୍ରକ୍ରିୟା ଶେଷ କଲେ ଭାରତ ଓ ଚୀନ୍ ।

ଏବଂ

- ପୂର୍ବ ସ୍ପେନ୍‌ର ଭାଲେନ୍‌ସିଆ ଅଞ୍ଚଳରେ ପ୍ରବଳ ବନ୍ୟା ଯୋଗୁଁ ୫୧ ମୃତ ।

# ପ୍ରଧାନମନ୍ତ୍ରୀ-ଏକତା ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର ଏକତା ନଗରରେ ଆଜି ସନ୍ଧ୍ୟାରେ କେତେକ ଜନକଲ୍ୟାଣକାରୀ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଏହିସବୁ ପ୍ରକଳ୍ପର ମୂଲ୍ୟ ୨୮୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାଯାଇଛି । ଏକତା ନଗରରେ ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ସହିତ ସେଠାକୁ ଗମନାଗମନର ସୁବିଧାକୁ ସୁଗମ କରିବା ଏବଂ ନିରନ୍ତର ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ସ୍ଥାୟୀ ପଦକ୍ଷେପ ସ୍ୱରୂପ ଏହି ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ କରାଯିବ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକତାନଗରରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ, ହସ୍ପିଟାଲ୍ ଏବଂ ଉଦ୍ୟାନ ଉଦ୍‌ଘାଟନ କରିଛନ୍ତି । ୨୨ କୋଟି ଟଙ୍କା ମୂଲ୍ୟରେ ନିର୍ମିତ ହୋଇଥିବା ଏହି ନୂତନ ହସ୍ପିଟାଲ୍‌ରେ ୫୦ଟି ଶଯ୍ୟା ସହିତ ଜନସାଧାରଣଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇଦେବାର ସମସ୍ତ ସୁବିଧା ଉପଲବ୍ଧ ରହିଛି ।

ମିଳିଥିବା ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବର୍ତ୍ତମାନ 'ଆରମ୍ଭ ୬ ଦଶମିକ୍ ଶୂନ'ର କମନ୍ ଫାଉଣ୍ଡେସନ୍ ପାଠ୍ୟକ୍ରମର ଶିକ୍ଷାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି । ଏଥିରେ ଭାରତର ୧୬ଟି ପ୍ରଶାସନିକ ସେବା ଏବଂ ଭୁଟାନ୍‌ର ତିନୋଟି ପ୍ରଶାସନିକ ସେବାର ମୋଟ୍ ୬୫୩ ଜଣ ପ୍ରଶିକ୍ଷାର୍ଥି ଅଧିକାରୀ ରହିଥିବା ଜଣାଯାଇଛି ।

## ପ୍ରଧାନମନ୍ତ୍ରୀ

ନବସୃଜନ ଏବଂ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଭାରତୀୟ ଯୁବବର୍ଗ ବିଶ୍ୱର ସର୍ବୋତ୍ତମ ବର୍ଗରେ ସ୍ଥାନ ପାଇଥାନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଭାରତର ଜନସଂଖ୍ୟା ଏବଂ ଏହାର ବିଶ୍ୱସ୍ତରୀୟ ବୈଷୟିକ ଜ୍ଞାନକୌଶଳ ସମ୍ପର୍କରେ ଗିଥବ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଥୋମାସ ଦୋମ୍‌କେଙ୍କର ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟର ଉତ୍ତରରେ ଶ୍ରୀ ମୋଦୀ ଏହା ଉଲ୍ଲେଖ କରିଛନ୍ତି । ଶ୍ରୀ ଦୋମ୍‌କେ କହିଛନ୍ତି, ବିଶ୍ୱରେ କୃତ୍ରିମ ବୁଦ୍ଧିମତା ପ୍ରକଳ୍ପ କ୍ଷେତ୍ରରେ ଭାରତର ଅବଦାନ ଅତୁଳନୀୟ ।

## କୀର୍ତ୍ତିବର୍ଦ୍ଧନ ସିଂହ

ବର୍ତ୍ତମାନ ଏବଂ ଭବିଷ୍ୟତ ପିଢ଼ି ଲାଗି ନିଜର ଏବଂ ବିଶ୍ୱ ଜୈବ ବିବିଧତାକୁ ସୁରକ୍ଷିତ ରଖିବା ଦିଗରେ ଭାରତ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛି । କଲମ୍ବିଆର କାଲିଠାରେ ଜୈବ ବିବିଧତା ସମ୍ପର୍କିତ ମିଳିତ ଜାତିସଂଘର କପ୍-୧୬ ଅଧିବେଶନରେ ନିଜର ଅଭିଭାଷଣ ରଖି କେନ୍ଦ୍ର ପରିବେଶ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ ଏହା କହିଛନ୍ତି । ସେ କହିଛନ୍ତି, ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ଭାରତ ଅନେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛି । ପ୍ରାଚୀନ କାଳରୁ ଶାନ୍ତି ଏବଂ ପ୍ରକୃତି ଭାରତର

ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଏକ ଅଂଶ ରହି ଆସିଛି । ଏକ ନିରନ୍ତର ପ୍ରକୃତି ଅନୁକୂଳ ଜୀବନଶୈଳୀ ଆପଣାଇବା ଦିଗରେ ଭାରତ ପକ୍ଷରୁ ନିଆଯାଉଥିବା ବିଭିନ୍ନ ଦୀର୍ଘସୂତ୍ରୀ ଉତ୍ସର୍ଗୀକୃତ ଯୋଜନା ଉପରେ ଏହି ଅବସରରେ ଶ୍ରୀ ସିଂହ ଆଲୋକପାତ କରିଛନ୍ତି ।

## ଝାଡ଼ଖଣ୍ଡ – ଇଲେକ୍‌ସନ୍

ଝାଡ଼ଖଣ୍ଡ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ଆଜି ଶେଷ ହୋଇଛି । ଏହି ପର୍ଯ୍ୟାୟରେ ମୋଟ୍ ୬୩୪ ଜଣ ପ୍ରାର୍ଥୀ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି । ଆସନ୍ତାକାଲି ହେଉଛି ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିନ । ଆସନ୍ତା ମାସ ୨୦ ତାରିଖ ଦିନ  ଏହି ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟ ବିଧାନସଭାର ୩୮ଟି ଆସନ ଲାଗି ମତଦାନ ହେବ ।

ଅନ୍ୟ ପକ୍ଷରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ଥିଲା ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିନ । ଏହି ପର୍ଯ୍ୟାୟରେ ୭୪୩ ଜଣ ପ୍ରାର୍ଥୀ ପ୍ରତିଯୋଗିତା କରୁଛନ୍ତି । ଆସନ୍ତା ମାସ ୧୩ ତାରିଖରେ ୪୩ଟି ବିଧାନସଭା ମଣ୍ଡଳୀରେ ଏହି ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ହେବ । ଉଭୟ ପର୍ଯ୍ୟାୟର ମତଗଣନା ଆସନ୍ତାମାସ ୨୩ ତାରିଖରେ ଅନୁଷ୍ଠିତ ହେବ ।

ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ଆଜି ସୁଦ୍ଧା ସୁରକ୍ଷା କର୍ମୀଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୧୦୩ କୋଟିରୁ ଊର୍ଦ୍ଧ୍ୱ ନଗଦ ଅର୍ଥ ସମେତ କେତେକ ଆପତ୍ତିଜନକ ଜିନିଷ ଜବତ କରାଯାଇଛି । ସେହିଭଳି ନିର୍ବାଚନ ଆଚରଣବିଧି ଉଲ୍ଲଙ୍ଘନ ଅଭିଯୋଗରେ ୨୯ଟି ଏତଲା ଦାଏର କରାଯାଇଛି । ନିର୍ବାଚନକୁ ଅବାଧ, ମୁକ୍ତ ତଥା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ରାଜ୍ୟର ମାଓବାଦୀ ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ କମ୍ବିଂ ଅପରେସନ୍‌କୁ ଜୋର୍‌ଦାର୍ କରାଯାଇଛି । ପାଲାମୁ ଜିଲ୍ଲାର ପାଙ୍କି ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ତିନି ଜଣ ମାଓବାଦୀଙ୍କୁ ଇତିମଧ୍ୟରେ ଗିରଫ୍ କରାଯାଇଥିବା ଜଣାପଡ଼ିଛି ।

## କୋର୍ ଶିଳ୍ପ

ଭାରତରେ ସିମେଣ୍ଟ, କୋଇଲା, ଅଶୋଧିତ ତୈଳ, ବିଦ୍ୟୁତ୍, ସାର, ପ୍ରାକୃତିକ ଗ୍ୟାସ୍, ରିଫାଇନାରୀ ଉତ୍ପାଦ ଏବଂ ଷ୍ଟିଲ୍ ଭଳି ୮ଟି କୋର୍ ଶିଳ୍ପ କ୍ଷେତ୍ରରେ ଚଳିତ ବର୍ଷ ସେପ୍ଟେମ୍ବର ମାସରେ ୨ ପ୍ରତିଶତ ଅଭିବୃଦ୍ଧି ହାସଲ ହୋଇଛି । ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହି ଅଭିବୃଦ୍ଧିହାର ଚଳିତ ମାସ ଏପ୍ରିଲ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ୪ ଦଶମିକ୍ ୨ ଥିବା ମନ୍ତ୍ରଣାଳୟ କହିଛି ।

# ଭାରତ-ଚୀନ୍

ପୂର୍ବ ଲଦାଖ ସ୍ଥିତ ବାସ୍ତବ ନିୟନ୍ତ୍ରଣ ରେଖା ନିକଟସ୍ଥ ଡେପ୍‌ସାଙ୍ଗ୍ ଓ ଡେମ୍‌ଚୋକ୍ ଅଞ୍ଚଳରୁ ଭାରତ ଓ ଚୀନ୍ ସୈନ୍ୟ ପ୍ରତ୍ୟାହାର ପ୍ରକ୍ରିୟା ଇତିମଧ୍ୟରେ ଶେଷ କରିଛନ୍ତି । ସେନା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଦୁଇ ଦେଶର ସ୍ଥାନୀୟ କମାଣ୍ଡର ସ୍ତରୀୟ କଥାବାର୍ତ୍ତା ଜାରି ରହିବ ଏବଂ ସୀମା ନିକଟରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଖୁବ୍ ଶୀଘ୍ର ପାଟ୍ରୋଲିଂ ବ୍ୟବସ୍ଥା ଆରମ୍ଭ କରାଯିବ ।

ପୂର୍ବ ଲଦାଖର ବାସ୍ତବ ନିୟନ୍ତ୍ରଣ ରେଖା ନିକଟରେ ପାଟ୍ରୋଲିଂ କରିବା ବ୍ୟବସ୍ଥାକୁ ନେଇ ଭାରତ ଓ ଚୀନ୍ ମଧ୍ୟରେ ନିକଟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି । ଏଥିସହିତ ଗତ ପ୍ରାୟ ସାଢ଼େ ୪ ବର୍ଷ ଧରି ସେହି ସ୍ଥାନରେ ଦୁଇ ଦେଶ ମଧ୍ୟରେ ସୃଷ୍ଟ ଦ୍ୱନ୍ଦ୍ୱ ଓ ବିବାଦର ଅବସାନ ଘଟିଛି ।

ଆମ ସମ୍ବାଦଦାତା ଜଣାଇଛନ୍ତି, ଉଭୟ ଦେଶ ପକ୍ଷରୁ ନିୟନ୍ତ୍ରଣ ରେଖା ନିକଟକୁ ସୈନ୍ୟ ପ୍ରତ୍ୟାହାର ପ୍ରକ୍ରିୟା ଗତ ୨୨ ତାରିଖରୁ ଆରମ୍ଭ ହୋଇଥିଲା । ଏଥିସହିତ ଡେପ୍‌ସାଙ୍ଗ୍ ଓ ଡେମ୍‌ଚୋକ୍ ଅଞ୍ଚଳରେ ଥିବା ଅସ୍ଥାୟୀ ତମ୍ବୁ ବାହାର କରାଯିବା ସହିତ ଅନ୍ୟ ଏକ ଅସ୍ଥାୟୀ ଘରକୁ ମଧ୍ୟ ଭାଙ୍ଗି ଦିଆଯାଇଛି । ଆସନ୍ତାକାଲି ଦୀପାବଳି ଅବସରରେ ଉଭୟ ଦେଶ

ମଧ୍ୟରେ ମିଷ୍ଟାନ୍ନ ଆଦାନପ୍ରଦାନ କରାଯିବ ବୋଲି ଭାରତୀୟ ସେନା ପକ୍ଷରୁ ସୂଚନା ଦିଆଯାଇଛି ।

## ପ୍ରଧାନମନ୍ତ୍ରୀ-ମୁଥୁରାମାଲିଙ୍ଗା

ଗୁରୁପୂଜା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାସୁମ୍ପନ୍ ମୁଥୁରା-ମାଲିଙ୍ଗାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କର ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଅଗଣିତ ଜନତା ମୁଥୁରା ମାଲିଙ୍ଗାଙ୍କର ଚିନ୍ତାଧାରା, ଆଦର୍ଶ ଏବଂ କାର୍ଯ୍ୟ ଶୈଳୀରୁ ପ୍ରେରଣା ପାଇଥାନ୍ତି । ଏକ ଉତ୍ତମ ସମାଜ ଗଢ଼ିତୋଳିବା ସହିତ ଦାରିଦ୍ର୍ୟର ସମ୍ପୂର୍ଣ୍ଣ ଦୂରୀକରଣ, ଆଧ୍ୟାତ୍ମିକ ଭାବ ପ୍ରତିଷ୍ଠା ଏବଂ କୃଷକମାନଙ୍କର କଲ୍ୟାଣ ଉପରେ ଗୁରୁତ୍ୱ ଦେଇ ମୁଥୁରା-ମାଲିଙ୍ଗା ଅନେକ ଉତ୍ସର୍ଗୀକୃତ ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ।

## ଅଯୋଧ୍ୟା ଦୀପୋତ୍ସବ

ଦୀପାବଳିର ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟାରେ ଅଯୋଧ୍ୟାରେ ସର୍ବବୃହତ ଭବ୍ୟ ଦୀପୋତ୍ସବ ଦେଖିବାକୁ ମିଳିଛି । ଅଯୋଧ୍ୟାର ରାମମନ୍ଦିରରେ ରାମଲାଲାଙ୍କର ସ୍ଥାପନ ପରେ ଏହା ହେଉଛି ପ୍ରଥମ ଦୀପୋତ୍ସବ ପାଳନ । ଉତ୍ତର ପ୍ରଦେଶ ସରକାର ଏହି ଉତ୍ସବକୁ ଗିନିସ୍

ୱାର୍ଲ୍ଡ ରେକର୍ଡରେ ସ୍ଥାନିତ କରିବା ଲକ୍ଷ୍ୟରେ ଅଯୋଧ୍ୟା ନଗରୀରର ୫୫ଟି ଘାଟରେ ୨୫ଲକ୍ଷରୁ ଅଧିକ ଦୀପ ପ୍ରଜ୍ୱଳନର ବ୍ୟବସ୍ଥା କରିଛନ୍ତି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏବଂ ଉତ୍ତର ପ୍ରଦେଶ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଏହି ଉତ୍ସବରେ ଯୋଗଦେଇଛନ୍ତି ।

ଆମ ସମ୍ବାଦଦାତାଙ୍କଠୁ ମିଳିଥିବା ସୂଚନା ଅନୁଯାୟୀ  ଗିନିସ୍ ୱାର୍ଲ୍ଡ ରେକର୍ଡ ଟିମ୍‌ର ପରାମର୍ଶଦାତା ଏବଂ ଅବଧ ବିଶ୍ୱବିଦ୍ୟାଳୟର ଗଣନା କମିଟି ସଦସ୍ୟଙ୍କ ନେତୃତ୍ୱରେ ୩୦ ଜଣିଆ ଦଳ ୫୫ଟି ଘାଟରେ ସଜାଯାଇଥିବା ଦୀପ ଗୁଡ଼ିକର ଗଣନା କରିସାରିଛନ୍ତି । ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଦେଶବିଦେଶରୁ କଳାକାରମାନଙ୍କୁ ଆମନ୍ତ୍ରଣ କରାଯାଇଛି । ଏଥିରେ ୧୬ଟି ରାଜ୍ୟ ସମେତ ୧୦ଟି ଦେଶର ବିଶିଷ୍ଟ କଳାକାର ଯୋଗଦେଇଛନ୍ତି । ଦୀପୋତ୍ସବ ପାଳନ ଅବସରରେ ୧୧ଶହରୁ ଅଧିକ ପୂଜକ ସରଯୂ ଆରତୀରେ ଯୋଗଦେଇଛନ୍ତି ।

## ପୀୟୂଷ ଗୋୟଲ୍

ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ୍ ଆଜି ସାଉଦି ଆରବର ରିଆଦ୍ ଠାରେ ଅନୁଷ୍ଠିତ ଭବିଷ୍ୟତ ନିବେଶକ ସମ୍ମିଳନୀର ଏକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଛନ୍ତି । ଏହା ପରେ ପରେ ଦୁଇ

ଦେଶ ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ସେଠାରେ ଆୟୋଜିତ 'ଲୁଲୁ ଓ୍ୱାଲି ଦିଓ୍ୱାଲି' ସମାରୋହକୁ ଉଦ୍‌ଘାଟନ କରିଛନ୍ତି । ପରେ ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ଶ୍ରୀ ଗୋୟଲ କହିଛନ୍ତି, ଏହି ସମାରୋହ ହେଉଛି ଭାରତ ଓ ସାଉଦି ଆରବ ମଧ୍ୟରେ ଥିବା ପରସ୍ପର ପ୍ରତି ସମ୍ମାନର ପ୍ରତୀକ । ଏଥିରେ ପ୍ରଥମଥର ଲାଗି ଲଦାଖର ପ୍ରଖ୍ୟାତ କାର୍‌କିତ୍‌ଚୁ ସେଓ ସ୍ଥାନ ପାଇଥିବା ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଛନ୍ତି ।

ଭାରତ ଓ ସାଉଦି ଆରବ ମଧ୍ୟରେ ଅର୍ଥନୀତି, ସାଂସ୍କୃତିକ ଏବଂ ବୈଷୟିକ ଜ୍ଞାନକୌଶଳ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସମନ୍ୱିତ କୂଟନୈତିକ ଅଭିଯାନକୁ ଅଧିକ ସୁଦୃଢ଼ କରିବା ସହିତ ଦୁଇ ଦେଶର ସମ୍ପର୍କକୁ ଉଚ୍ଚସ୍ତରୀୟ ବୈଠକ ମାଧ୍ୟମରେ ସମୃଦ୍ଧ କରିବା ଦିଗରେ ଶ୍ରୀ ଗୋୟଲ୍‌ଙ୍କ ଏହି ଗସ୍ତ ସହାୟକ ହେବ । ଏହି ଗସ୍ତ ଅବସରରେ ଶ୍ରୀ ଗୋୟଲ୍ ସାଉଦି ଆରବର ଶକ୍ତି ମନ୍ତ୍ରୀଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପକ୍ଷିୟ ଆଲୋଚନା କରିବା ସଙ୍ଗେ ସଙ୍ଗେ ରଣନୈତିକ ଭାଗିଦାରୀ ପରିଷଦରେ ସହ-ଅଧ୍ୟକ୍ଷତା କରିବେ । ଏତଦ୍‌ବ୍ୟତୀତ ବାଣିଜ୍ୟ ମନ୍ତ୍ରୀ ସେଠାକାର ଶିଳ୍ପ ଓ ଖଣି ସମ୍ବଳ ମନ୍ତ୍ରୀ ବନ୍ଦର ଆଲ୍ ଖୋରାଏଫ୍ ଓ ପୁଞ୍ଜିନିବେଶ ମନ୍ତ୍ରୀ ଖାଲିଦ୍ ଆଲ୍ ଫାଲିଙ୍କ ସହିତ ମଧ୍ୟ ବିଭିନ୍ନ ଆପୋଷ ସ୍ୱାର୍ଥ ଜଡ଼ିତ ଦ୍ୱିପକ୍ଷିୟ ପ୍ରସଙ୍ଗରେ ଆଲୋଚନା କରିବେ । ପରେ ସେଠାରେ ଥିବା ଭାରତୀୟ ସମୁଦାୟଙ୍କ ସହିତ ଭାବବିନିମୟ

କରିବା ସଙ୍ଗେ ସଙ୍ଗେ ପ୍ରଭାସୀ ପରିଚୟ ସମାରୋହରେ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ସ୍ପେନ୍-ବନ୍ୟା

ପୂର୍ବ ସ୍ପେନ୍‌ର ଭାଲେନ୍‌ସିଆ ଅଞ୍ଚଳରେ ପ୍ରବଳ ବନ୍ୟା ଯୋଗୁଁ ପ୍ରାୟ ୫୧ ଜଣଙ୍କର ମୃତ୍ୟୁ ହୋଇଛି । ଅବିଶ୍ରାନ୍ତ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ଏହି ବନ୍ୟାରେ ସଡ଼କପଥ, ରେଳପଥ ଓ ବାୟୁ ପଥରେ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ସ୍ପେନ୍‌ର ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଗତକାଲି ୮ ଘଣ୍ଟା ମଧ୍ୟରେ ଭାଲେନ୍‌ସିଆ ଅଞ୍ଚଳରେ ୪୯୧ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା । ସ୍ପେନ୍ ଜରୁରୀକାଳୀନ ପ୍ରସମନ ବାହିନୀ ୧ ହଜାରରୁ ଊର୍ଦ୍ଧ୍ୱ ଯବନା ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ବୋଲି ସରକାରୀ ଭାବେ କୁହାଯାଇଛି ।

## ଆଫ୍‌ଗାନିସ୍ତା-ଖଣି

ଉତ୍ତର ଆଫ୍‌ଗାନିସ୍ତାନର ବାଦାକ୍‌ଶାନ ଅଞ୍ଚଳରେ ଏକ ସୁନା ଖଣି ଭୁଶୁଡ଼ି ପଡ଼ିବାରୁ ତିନି ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଛି । ସ୍ଥାନୀୟ ପୋଲିସ୍ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ପାହାଡ଼ ପର୍ବତ ଭରା

ଏହି ବାଦାକ୍ଶାନ୍‌ରେ ଅନେକ ଗୁଡ଼ିଏ ଖଣି ରହିଛି । ଖଣି ଖନନ ସମୟରେ ଏଭଳି ଦୁର୍ଘଟଣା ଘଟିଛି ବୋଲି ପୋଲିସ୍ କହିଛି ।